# D.A.V. PUBLIC SCHOOLS, ODISHA
## PERIODIC ASSESSMENT-I, 2023-24

- Please check that this question paper contains **03** printed pages.
- Check that this question paper contains **10** questions.
- Write down the Serial Number of the question in the left side of the margin before attempting it.

**CLASS – X**

**SUB: ODIA**

**Time Allowed: 1 Hour 30 Mins** **Maximum Marks: 40**

**General Instructions:-**

- **Check that this question paper contains 03 printed pages.**
- **Check that this question paper contains 10 questions**
- **The question paper consists of 4 parts.**

| | | |
|---|---|---|
| **SECTION- A:** | **Comprehension** | **05 Marks** |
| **SECTION-B:** | **Writing** | **04 Marks** |
| **SECTION-C:** | **Grammar** | **08 Marks** |
| **SECTION-D:** | **Literature** | **23 Marks** |

## SECTION-A(05)

1. ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (5x1=5)

ଈଶ୍ୱରଙ୍କ ଆଶିଷ ସବୁବେଳେ ସତ୍ୟାଶ୍ରୟୀ ହିଁ ହୋଇଥାଏ । କୌଣସି ପରିସ୍ଥିତିରେ ତାହା ଅସତ୍ୟର ଶରଣାପନ୍ନ ହୁଏ ନାହିଁ । କାରଣ ଅସତ୍ୟ ସର୍ବଦା ଅସ୍ଥାୟୁ । ଅସତ୍ୟ ଚାକଚକ୍ୟମୟ ହୋଇପାରେ, କିନ୍ତୁ ସଜ୍ଜନ ସେଥିରେ ଭଳିଯାଏ ନାହିଁ । ଯେଉଁମାନେ ସତ୍ୟର ସାହଚର୍ଯ୍ୟ ଲାଭ କରିଛନ୍ତି, ସେମାନେ ଦେଶ ଓ ଦଶର ଉପକାର କରିବା ଲାଗି ସଦା ଉନ୍ମୁଖ ରହିଥା'ନ୍ତି । "ଆପେ ବଞ୍ଚିଲେ ବାପର ନାଁ' ଏ କଥା ସତ୍ୟସନ୍ଧଙ୍କ ପାଇଁ ପ୍ରଯୁଜ୍ୟ ହୁଏନାହିଁ । ଅନ୍ୟର ସୁଖ ଭିତରେ ସେମାନେ ନିଜସୁଖ ଖୋଜି ପାଆନ୍ତି । ବସ୍ତୁବାଦୀ ଦୁନିଆରେ ସତ୍ୟାଶ୍ରୟୀଙ୍କ ସଂଖ୍ୟା କମ୍ ହୋଇପାରେ, ମାତ୍ର ଏଥିରେ ନିରାଶ ହେବାର କିଛି ବି କାରଣ ନାହିଁ । କାରଣ ଦୁନିଆ ସୁବବେଳେ ଭଲ ଲୋକମାନଙ୍କର ଭଲ କାମକୁ ହିଁ ଇତିହାସର ଟିପାଖାତାରେ ଟିପିରଖେ । ଆତ୍ମପ୍ରଚାରଧର୍ମୀ ବ୍ୟକ୍ତିବିଶେଷଙ୍କ ଲୋଭନୀୟ ପ୍ରଚାରପତ୍ରକୁ ସଭ୍ୟସମାଜ ବେଶି ଗୁରୁତ୍ୱ ଦିଏନା । ମହାତ୍ମାଗାନ୍ଧୀ ସତ୍ୟକୁ ଈଶ୍ୱରଙ୍କ ବିଗ୍ରହ ବୋଲି ଅଭିହିତ କରିଥିଲେ। ସତ୍ୟର ନିରାଜନା ଈଶ୍ୱରଙ୍କ ପୂଜନ ସହ ସମାନ ବୋଲି ସେ କହୁଥିଲେ। ପରିସ୍ଥିତିର ବାଧ୍ୟବାଧକତାରେ ସେ ସତ୍ୟ ସହିତ ଅନେକ ପରୀକ୍ଷାନିରୀକ୍ଷା କରିଥିଲେ ହେଁ ସର୍ବଦା ସତ୍ୟପଥର ପଥିକ ହୋଇ ଆଦର୍ଶ ସୃଷ୍ଟି କରିଥିଲେ।

ସମଗ୍ର ବିଶ୍ୱରେ ସେହି ଆଦର୍ଶ ଆଜି ଅତ୍ୟନ୍ତ ଆଦରଣୀୟ ହୋଇପାରିଛି । ଆମ୍ଭେମାନେ ତାହାକୁ ନିଜ ଜୀବନରେ ପରିପାଳନ କରିବା ଉଚିତ ।

(i) ସଜ୍ଜନ କେଉଁଥିରେ ଭଳିଯାଏ ନାହିଁ ?

(ii) ଈଶ୍ୱରଙ୍କ ଆଶିଷର ବିଶେଷତ୍ୱ କ'ଣ ?

(iii) କେଉଁମାନେ ଦେଶ ଓ ଦଶର ଉପକାର କରିବା ଲାଗି ଉନ୍ମୁଖ ରହିଥା'ନ୍ତି ?

(iv) ଇତିହାସର ଟିପାଖାତାରେ ଆମେ କ'ଣ ଦେଖିପାରିବା ?

(v) ସତ୍ୟର ନିରାଜନା କାହା ସହ ସମାନ ?

## SECTION-B (04)

2. ଦିଆଯାଇଥିବା ବିଷୟ ଉପରେ ଅନୁଚ୍ଛେଦଟିଏ ଲେଖ । (4)

ଦେଶ ଗଠନରେ ଛାତ୍ରର ଭୂମିକା

## SECTION-C (08)

3. ନିମ୍ନଲିଖିତ ରୂଢିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (4x1=4)

(i) ଅହିନକୁଳ ସମ୍ପର୍କ (ii) ଜୋକ ମୁହଁରେ ଲୁଣ

(iii) ଶୁଆ ପରି ଘୋଷିବା (iv) କପାଳ ଫାଟିବା

4. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (4x1=4)

(i) ଗଣେଷ (ii) ଦ୍ୱନ୍ଦ

(iii) ଏକତ୍ରିତ (iv) ପତିତପାବିନୀ

## SECTION- D (23)

5. ସପ୍ରସଙ୍ଗ ସରଳାର୍ଥ ଲେଖ । (4)

ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।

6. ସଂକ୍ଷେପରେ ଉତ୍ତର ଲେଖ । (2x2=4)

(i) ଶ୍ରୀକୃଷ୍ଣଙ୍କୁ ମହାଭାରତର କର୍ଣ୍ଣଧାର କୁହାଯାଇଛି କାହିଁକି ?

(ii) 'ଗୋବିନ୍ଦା ଭାଇ' କି ପ୍ରକାର ଲୋକ ?

7. ସଂକ୍ଷେପରେ ଉତ୍ତର ଲେଖ । (2x2=4)

(i) ଉତ୍କଳ ଜନନୀଙ୍କ ଶରୀରକୁ କିଏ ଧୋଇ ଦେଉଛି ?

(ii) କେଉଁମାନଙ୍କର କୁଟୀର ଦ୍ୱାରା ଉତ୍କଳ ପବିତ୍ର ହୋଇଛି ?

8. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (4x1=4)

(i) ଧର୍ମାନ୍ତର ପରେ ଦୀକ୍ଷିତ ବ୍ୟକ୍ତି ଧର୍ମ ପାଖରେ କ'ଣ ଉତ୍ସର୍ଗ କରିଥାଏ ?

(A) ଶିକ୍ଷା (B) ଜାତି (C) ପରମ୍ପରା (D) ମାନବିକତା

(ii) ଡଗର ପତ୍ରିକା କେଉଁ ମସିହାରେ ପ୍ରକାଶିତ ହୋଇଥିଲା ?

(A) ୧୯୨୯ (B) ୧୯୩୭ (C) ୧୯୪୫ (D) ୧୯୫୨

(iii) ଯିଏ ପୂର୍ବଜନ୍ମର ଘଟଣାବଳୀକୁ ସ୍ମରଣ କରିପାରେ , ତା'କୁ କ'ଣ କୁହାଯାଏ ?

(A) ଜାତିସ୍ମର (B) ଆତ୍ମଜ୍ଞାନୀ (C) ମୃତ୍ୟୁଞ୍ଜୟୀ (D) ଜାତସ୍ମର

(iv) ଲକ୍ଷ୍ମୀକାନ୍ତଙ୍କ ଅସମ୍ପୂର୍ଣ୍ଣ ଉପନ୍ୟାସର ନାମ କ'ଣ ?

(A) ଅସହଯୋଗୀର ଆତ୍ମକଥା (B) କଟକ ସଫର

(C) କଣାମାମୁ (D) ପଦ୍ମମାଳୀ

9. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (4x1=4)

(i) କାହାର ଅନିନ୍ଦ୍ୟ କୀର୍ତ୍ତି ଭୁବନ ବିଦିତ ?

(A) ଉତ୍କଳ ଜନନୀଙ୍କର (B) ଭାରତ ମାତାଙ୍କର

(C) ବିଶ୍ୱବାସୀଙ୍କର (D) ପଣ୍ଡିତମାନଙ୍କର

(ii) ଉତ୍କଳର ଶସ୍ୟ କ୍ଷେତ କେଉଁଥିରେ ପରିପୂର୍ଣ୍ଣ ?

(A) ଜଙ୍ଗଲ (B) ସୁନ୍ଦର ଧାନ (C) ପକ୍ଷୀଙ୍କ କାକଳି (D) ବିବିଧ ଫୁଲ

(iii) ସମୁଦ୍ରର ତଟଦେଶ କେଉଁ କେଉଁ ବୃକ୍ଷ ଦ୍ୱାରା ସୁଶୋଭିତ ?

(A) ଝାଉଁ ଓ ତାଳ (B) ତାଳ ଓ ନଡ଼ିଆ (C) ଶାଳ ଓ ଶାଗୁଆନ (D) ତାଳ ଓ ତମାଳ

(iv) 'ବନ୍ଦେ ଉତ୍କଳ ଜନନୀ' କବିତାରେ କେଉଁ ଭାବନା ପ୍ରକାଶ ପାଇଛି ?

(A) ବୈପ୍ଳବିକ (B) ଭକ୍ତି (C) ଦେଶାତ୍ମବୋଧ (D) ସାମ୍ୟବାଦୀ

10. ସଂକ୍ଷେପରେ ଉତ୍ତର ଲେଖ । (3x1=3)

(i) କାଠୁରିଆ ସକାଳୁ କ'ଣ ପିଇ ଆସିଥିଲା ?

(ii) କାଠୁରିଆର ଘର କେଉଁଠି ?

(iii) ରୋଷେଇ ଘରଆଡୁ ମହକ ଶୁଙ୍ଘି ଲେଖକ କ'ଣ ଖାଇବାକୁ ଘର ଭିତରକୁ ଗଲେ ?

xxxxx